# Akashvani, Sambalpur

# SAMBALPURI NEWS BULLETIN

## 5 November 2025 – 6.47- 6.52 am.

*************************************************

କାର୍ତିକ୍ ପୁନି          ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ କାର୍ତିକ୍ ପୁନି । ଗଲା ରାଏତ୍ସାରା ଜାଗାଜାଗା ଭଜନ୍, କୀର୍ତନ୍ ହେଇଥିବାର୍ ବେଲେ ଆଏଜ୍ ପହପହନୁ ସାରା ରାଏଜେ ଲୁକେ ନଏଦ୍, ବନ୍ଧ୍  ଆର୍ କଟାମାନ୍କୁ ବୁଡ୍ ପକେଇକରି ଗୁଡ଼ି ଆର୍ ମନ୍ଦିର୍ମାନ୍କୁ ଯାଇକରି ଦେ'ଦେବ୍ତାଙ୍କର୍ ଦର୍ଶନ୍ କରିଛନ୍ । ହେତାର୍ସାଙ୍ଗେ ଓଡ଼ିଶାର୍ ପୂର୍ବାପାତିର୍ ନୌବାଣିଜ୍ୟକେ ସୁର୍ତା କରିକରି ନଏଦ୍, ବନ୍ଧ୍ ଆର୍ ଜୋର୍ମାନ୍କୁ କଦେଲ୍ ପଟୁଆ, କାଗଜ୍ ଆର୍ ସୋଲ୍ଥି ତିଆରି ଡଙ୍ଗା ଭସାବାର୍ ଲାଗି ଭକ୍ତମାନ୍କର୍ ଜବର୍ ଭିଡ୍ ହେଇଛେ । ସେନ୍ତା ଧରମ୍ ମାସ୍ କାର୍ତିକ୍ର ଉଜଲ୍ପଖର୍ ଏକାଦଶୀ ନୁ ପୁନି ତକ୍ ହେଉଥିବା ପଂଚକ୍ ବ୍ରତର ଆଏଜ୍ ଶେଷ୍ ଦିନ୍ ।

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ପହପହନୁ ଲୁକେ ତୀର୍ଥ ପୁଷ୍କିରିଣୀମାନ୍କୁ ବୁଡ୍ ପକଉଛନ୍ । ଶ୍ରୀମନ୍ଦିର୍ ନ ଭୋଗ ମଣ୍ଡପ୍ ପୂଜା ଉତ୍ରୁ ମହାପ୍ରଭୁ ରତ୍ନସିଂହାସନ୍ଥି ସୁନାବେଶଥି ଭକ୍ତମାନ୍କୁ ଦର୍ଶନ୍ ଦେବେ ।

ବାଲିଯାତ୍ରା କଟକ୍ ସମ୍ବାଦଦାତା

କାର୍ତ୍ତିକ୍ ପୁନି ଅବ୍‌ସରେ ଆଏଜ୍‌ଠାନୁ କଟକ୍‌ର ଐତିହାସିକ ବାଲିଯାତ୍ରା ମୁଲ୍ ହେଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନୀ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଐତିହ୍ୟ, କଲା, ସଂସ୍କୃତି, ମନୋରଞ୍ଜନ୍, ଖାଦ୍ୟ, ହସ୍ତଶିଳ୍ପ, ବ୍ୟବସାୟ ଆଉ ବାଣିଜ୍ୟର୍ ଇ ଉତ୍ସବ୍‌କେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ୍ ଭାବେ ଶୁଭାରମ୍ଭ କର୍‌ବେ । ଭାରତ୍‌ନ ଅବସ୍ଥାପିତ୍ ଇଣ୍ଡୋନେସିଆର୍ ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍. କୃଷ୍ଣମୂର୍ତ୍ତି ଇ ବଛର୍ ବାଲିଯାତ୍ରାଥି ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ । ୮ ଦିନ୍ ଧରିକରି ହେବାର୍‌କେ ଥିବା ମହୋତ୍ସବ୍‌ଥି ଦେଶ୍ ବିଦେଶ୍‌ନୁ ପର୍ଯ୍ୟଟକ୍‌ମାନ୍‌କର୍ ଭିଡ୍ ଜମ୍‌ସି ।

କଳିଙ୍ଗ ବାଲିଯାତ୍ରା-ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଓଡ଼ିଶାକେ ପାରାଦୀପ୍ ଜରିଏ ସମୃଦ୍ଧ କର୍‌ବାର୍ ଲାଗି ପାରାଦୀପ୍‌କେ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଜଗତ୍‌ସିଂହପୁର୍ ଜିଲ୍ଲା ପାରାଦୀପ୍ ଠାନେ ଗଲାକାଏଲ୍ କଳିଙ୍ଗ ବାଲିଯାତ୍ରାକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶାର୍ ବିକାଶ୍‌ଧାରାଥି ପାରାଦୀପ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ

ଅଙ୍ଗ । ଇତାର୍‌ସହେତେ ପୂର୍ବ ଭାରତ୍‌ର ଗୁଟେ ବଡ଼ ବଡ଼ ବ୍ୟବସାୟିକ୍ ବଡ଼ ବନ୍ଦର୍ ଭିଲ୍ ଆଏ । ଶିଳ୍ପ ସମୃଦ୍ଧ ପାରାଦୀପ୍ ନ ଗ୍ରୀନ୍ ଫିଲ୍ଡ ବିମାନ୍ ବନ୍ଦର୍ ଥାପ୍‌ନା, ଭୁବ୍‌ନେଶ୍ୱର-ଖୋର୍ଦ୍ଧା-ଜଟଣୀ-କଟକ୍-ପାରାଦୀପ୍ ଆଉ ପୁରୀକେ ନେଇକରି ଗୁଟେ ମହାନଗରୀ ବିକଶିତ୍ କର୍‌ବାର୍, ଶିଳ୍ପ କରିଡ଼ର୍ ବନବାର୍, ପାରାଦୀପ୍ ବେଲାଭୂମିକେ ପର୍ଯ୍ୟଟନ୍ ଉପଯୋଗୀ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପଦକ୍ଷେପ୍ ନେବେ ।

ରାଜ୍ୟପାଲ୍ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗଲାକାଏଲ୍ ରାଜଭବନ୍ ଠାନେ  ଶିଳ୍ପ ଆଉ ଏମ୍‌ଏସ୍‌ଏମ୍‌ଇ ବିଭାଗ୍ ଆଉ ରାଜ୍ୟର୍ ଆକାଂକ୍ଷୀ ଜିଲ୍ଲା ଆଉ ବ୍ଲକ୍ ମାନ୍‌କର୍ କାମ୍‌କାଜ୍‌ର ସମୀକ୍ଷା କରିଛନ୍ । ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି ଏମ୍‌ଏସ୍‌ଏମ୍‌ଇ ବିଭାଗ୍‌ର ସମୀକ୍ଷା କରିକରି ରାଏଜେ ଉଦ୍ୟୋଗ୍ ଆଉ ଶିଳ୍ପର୍ ବିକାଶ୍ ଲାଗି ବିଧିବଦ୍ଧ ଯୋଜ୍‌ନା ତିଆର୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ଇତାର୍‌ସହେତେ ରାଏଜେ ବହୁତ୍‌ଟେ ଏମ୍‌ଏସ୍‌ଏମ୍‌ଇ ପାର୍କ ଥାପ୍‌ନା କର୍‌ବାର୍‌କେ ରାଜ୍ୟପାଲ୍ କହିଛନ୍ । ଇ ଦିଗେ ରାଜ୍ୟ ସର୍‌କାର୍ ବହୁତ୍‌ଟେ ପଦକ୍ଷେପ୍ ମୁଲ୍ କରିଛନ୍ । ବିଭାଗ୍‌ର ଅଧିକାରୀମାନେ ସମାନ୍ ଆଭିମୁଖ୍ୟ ସହେତେ କାମ୍ କର୍‌ବାର୍‌କେ ରାଜ୍ୟପାଲ୍ ପରାମର୍ଶ ଦେଇଛନ୍ । ସେନ୍ତା ରାଜ୍ୟର୍

୧୦ ଟା ଆକାଂକ୍ଷୀ ଜିଲ୍ଲା ଆଉ ୪୦ ଟା ଆକାଂକ୍ଷୀ ବ୍ଲକ୍ ନ ଚାଲିଥିବା କାମ୍‌କାଜ୍‌ର ସମୀକ୍ଷା କରିକରି ସବୁ ସର୍‌କାରୀ ଯୋଜ୍‌ନାର୍ ଠିକ୍ ଭାବେ କାର୍ଯ୍ୟାନ୍ୱୟନ୍ ସୁନିଶ୍ଚିତ୍ କର୍‌ବାର୍‌କେ ରାଜ୍ୟପାଲ୍ ଶ୍ରୀ କମ୍ଭମପାଟି ପରାମର୍ଶ ଦେଇଛନ୍ ।

ସଚିବସ୍ତରୀୟ ବୈଠକ          I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଅର୍ଥ ବିଭାଗ୍ ତର୍‌ଫୁ ୨୦୨୫-୨୬ ଆର୍ଥିକ୍ ବଚ୍ଛ୍‌ରେ ଗଲାମାସ୍‌ତକ୍ ରାଜ୍ୟର୍ ବିତିୟ ପ୍ରଦର୍ଶନ୍ ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରାଯାଇକରି ଆଲୋଚନା ହେଇଥିଲା । ଅର୍ଥ ବିଭାଗ୍ ଅକ୍ଟୋବର୍ ମାସ୍‌ତକ୍ ମୋଟ୍ ବଜେଟ୍‌ର ୩୮ ପ୍ରତିଶତ୍ ଖର୍ଚ୍ଚା କରିଛେ । ଗଲାବଚ୍ଛର୍ ଠାନୁ ଇ ବଚ୍ଛର୍ ୧୩ ପ୍ରତିଶତ୍ ଅଏତ୍‌କା ଖର୍ଚ୍ଚା ହେଇଛେ । ବାକି ସବୁ ବିଭାଗ୍ ମାନ୍‌କର୍ ଭିଲ୍ ଗଲାବଚ୍ଛରର୍ ଆଉ ଇ ବଚ୍ଛ୍‌ରର୍ ଖର୍ଚ୍ଚା ବାବ୍‌ଦେ ଆଲୋଚନା କରାଯାଇଥିଲା । ବିଭାଗ୍ ମାନ୍‌କର୍ ଖର୍ଚ୍ଚା ସହେତେ ଭିନ୍ ଭିନ୍ ଜରୁରୀ ବିଷେ ଉପ୍‌ରେ ଆଲୋଚନା କରିକରି ଶ୍ରୀ ଆହୁଜା ସଚିବମାନ୍‌କୁ ଦର୍‌କାରୀ ନିର୍ଦ୍ଦେଶ୍ ଆଉ ପରାମର୍ଶ ଦେଇଛନ୍ ।

+୨ ଏକ୍ସରେଗୁଲାର୍- ଫର୍ମ ଫିଲ୍ଅପ୍     ଆର୍ଏନ୍ୟୁ/ ସମ୍ବଲପୁର

ଯୁକ୍ତ ଦୁଇ ଏକ୍ସରେଗୁଲାର୍ ପରୀକ୍ଷା ଫର୍ମ ଫିଲ୍ଅପ୍ ସମିଆକେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ତର୍ଫୁ ବଢ଼ାଯାଇଛେ । ପରିଷଦ୍‌ର ବିଜ୍ଞପ୍ତି ଅନ୍‌ସାରେ, ବିନା ଜରିମାନାଥି ଫର୍ମ ଫିଲ୍ଅପ୍ ସମିଆ ଆଏବା ୧୧ ତାରିଖ୍‌ତକ୍ ବଢ଼ାଯାଇଛେ । ୨ ଶହ ଟଙ୍କା ଜରିମାନା ସହେତେ ୧୩ ତାରିଖ୍‌ନୁ ୧୮ ତାରିଖ୍ ଭିତ୍‌ରେ ଛାତ୍ରଛାତ୍ରୀ ଫର୍ମ ଫିଲଅପ୍ କରିପାର୍‌ବେ । ନଭେମ୍ବର୍ ୧୯ ନୁ ୨୧ ତାରିଖ୍ ଭିତ୍‌ରେ ୬ ଶହ ଟଙ୍କା ଜରିମାନା ଦେଇକରି ଫର୍ମ ଫିଲ୍ଅପ୍ କରିପାର୍‌ବେ ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ଗୁରୁନାନକ୍ ଜୟନ୍ତୀ          ଆର୍ଏନ୍ୟୁ ସମ୍ବଲପୁର୍

ଗୁରୁ ନାନକ୍‌ଙ୍କର୍ ୫ ଶହ ୫୬ ନମ୍ବର୍ ଜନମ୍ ଦିନେ ଆଏଜ୍ ସାରା ଦୁନିଆଥି ଗୁରୁ ପରବ୍ ପାଲନ୍ କରାଯାଉଛେ । ଶିଖ୍ ଧରମ୍ ଥାପ୍‌ନା କରିଥିବା ଗୁରୁ ନାନକ୍‌ଙ୍କର୍ ଜନମ୍ ଦିନେ ଆଏଜ୍ ଅମୃତ୍‌ସର୍‌ର ସ୍ୱର୍ଣ୍ଣମନ୍ଦିର୍ ସଙ୍ଗେ ଦେଶ୍ ଦୁନିଆଥି ଥିବା ସବୁ ଗୁରୁଦ୍ୱାରାଥି ଭଜନ୍ କୀର୍ତନ୍ ଆର୍ ପ୍ରାର୍ଥନା କରାଯାଉଛେ ।

ମଡ଼ିଆ ଦିବସ୍       ଆର୍ଏନ୍ୟୁ/ ସମ୍ବଲପୁର

ବର୍ଗଡ଼୍ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଗଲାକାଏଲ୍ ଜିଲ୍ଲା ସ୍ତରୀୟ ମଡ଼ିଆ ଦିବସ୍ ପାଳିତ୍ ହେଇଯାଇଛେ । ଜିଲ୍ଲା କୃଷି ଅଧିକାରୀ ଲୋଚନ୍ ଚନ୍ଦ୍ର ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ୍ ମହେନ୍ଦ୍ର ମହାପାତ୍ର ଆଉ ମଧୁଛନ୍ଦା ସାହୁ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଅତିଥି ମାନେ ମଡ଼ିଆ, ଗୁର୍ଜି ବାଗିର୍ ଖାଦ୍ୟ ଶସ୍ୟର୍ ଉପକାରୀ ଗୁନ୍ ବାବ୍ଦେ ଆଲୋଚନା କରିଥିଲେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ଜାଗା ନ ଆଏବା ୨୪ ଘଂଟା ଭିତ୍ରେ ପାଗ୍ ଶୁଖା ରହେବା । ଗଲା ଦୁଇ ଦିନ୍ ହେଲା ରାତିର୍ ତାପମାତ୍ରା ସାମାଏନ୍ କମିଥିବାର୍ ବେଲେ  ଆଏଜ୍ ୨ ଦୁଇ ଡିଗ୍ରୀ ତକ୍ ତାପମାତ୍ରା ବଢିପାରେ । ଆଏବା ଗୁରୁବାର୍ନୁ ଫେର୍ ଶୀତ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ଠାନୁ ରାଜ୍ୟର୍ କେତେଟା ଜାଗା ନ କୁହୁଡ଼ି ଭିଲ୍ ଦେଖାଦେଇଛେ ।